ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୬ ଅଗଷ୍ଟ, ୨୦୨୧

## ଗଜପତିରେ ୪ ସଂକ୍ରମିତ ଚିହ୍ନଟ

ପାରଳାଖେମୁଣ୍ଡି,(ଡି.ଏନ.ଏ.): ଗଜପତି ଜିଲାରେ ବୁଧବାର ୧୧୧୬ ଜଣଙ୍କ କରୋନା ପରୀକ୍ଷା ହୋଇଥିବା ବେଳେ ସେଥିମଧ୍ୟରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୫୧୪ରେ ପହଞ୍ଚିଛି। ସେଥିରୁ ୯୩୯୭ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଆର୍. ଉଦୟଗିରି, ରାୟଗଡ, ନୂଆଗଡ ବ୍ଲକରୁ ଜଣେ ଲେଖାଏ ଥିବା ବେଳେ ଅନ୍ୟ ଜଣକ ଜିଲା ବାହାରର ବୋଲି ସୂଚନା ମିଳିଛି। ଗୁରୁବାର ୬ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ମନ୍ତ୍ରୀ, ବିଜେଡି ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୫।୮:ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଖଲ୍ଲିକୋଟ, ବେଗୁନିଆପଡା ଓ ପୋଲସରା ଗସ୍ତ ସାରି କବିସୂର୍ଯ୍ୟନଗର ଗୁଡ଼ିଆଳି ଛକଠାରେ ଗୁରୁବାର ଅପରାହ୍ନ ୩ଟାରେ ପହଞ୍ଚିଥିଲେ। ସେଠାରୁ ବିଜେଡି ନେତା କର୍ମୀ ଏକ ବିଶାଳ ବାଇକ୍ ରାଲିରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ନେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ। ଡାକବଙ୍ଗଳାଠାରେ ନବନିଯୁକ୍ତ ସମସ୍ତ ଯୁବ ଓ ଛାତ୍ର ବିଜେଡି କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ମନ୍ତ୍ରୀ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ପର୍ଯ୍ୟବେକ୍ଷକ ଭାବେ ସମସ୍ତ ବିଜେଡି ମୁଖ୍ୟ ଓ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ତୃଣମୂଳ ସ୍ତରରେ ଜନତାଙ୍କ ସହ ଯୋଡିହୋଇ ରହିବାକୁ କହିଥିଲେ। ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବିକାଶ, ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ପ୍ରାକ୍ତନ ଏନଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଓ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନଗର ବିଜେଡି ସଭାପତି ରସଲ ଦାସ, ନଗର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ଖଟେଇ, ନଗର ଛାତ୍ର ବିଜେଡି ସଭାପତି ବିକ୍ରାନ୍ତ ସାହୁ, ଜିଲା ଯୁବ ବିଜେଡି ଉପସଭାପତି ପ୍ରସନ୍ନ ନାୟକ, ସମ୍ପାଦକ ସୂର୍ଯ୍ୟନାରାୟଣ ନାୟକ, ସାଧାରଣ ସମ୍ପାଦକ ସୁରଜ ରେଡ୍ଡୀ, ଆଠଗଡ ସରପଞ୍ଚ ସୁନୀଲ ପୋଲାଇ, ଗଙ୍ଗାପୁର ସରପଞ୍ଚ ନିରଞ୍ଜନ ଗୌଡ଼ ଓ ସମିତିସଭ୍ୟ ପ୍ରଦୀପ ଗୌଡ଼ ପ୍ରମୁଖ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ।

### ଉତ୍କଳ ହିନ୍ଦୁ ସେବକ ସଂଘର ବନ୍ଧୁ ମିଳନ

ପୋଲସରା,୫।୮(ଡି.ଏନ.ଏ.):ପୋଲସରା ବ୍ଲକ ମନ୍ଦାର ଗ୍ରାମଠାରେ ଉତ୍କଳ ହିନ୍ଦୁ ସେବକ ସଂଘ ଗଞ୍ଜାମ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ସଭାପତି ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସମ୍ପାଦକ ଦୁର୍ଗାମାଧବ ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାର ବିଶିଷ୍ଟ ଯୁବ ସମାଜିକକର୍ମୀ ପ୍ରଭାକର ପଣ୍ଡା, ସମ୍ମାନିତ ଅତିଥି ଭାବେ ସଂଘ ରାଜ୍ୟ ସଭାପତି ସୋମନାଥ ରାଉତ, ମନ୍ଦାର ସମବାୟ ସମିତି ସମ୍ପାଦକ ଓ ମୁଖ୍ୟ ବକ୍ତା ଭାବେ ରାଜ୍ୟ ଉପସଭାପତି ତୁଷାର ରଥ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମାଜସେବୀ ପ୍ରଭାକର ପଣ୍ଡାଙ୍କୁ ସଂଘର ଜିଲା ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ଏହାସହିତ ପୋଲସରା ଓ ବୁଗୁଡା ବ୍ଲକ କମିଟି ଘୋଷଣା ହୋଇଥିଲା। ହିନ୍ଦୁ ସେବକ ସଂଘ ତରଫରୁ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଶାନ୍ତି ମହାଯଜ୍ଞକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା।

### ମାଟ୍ରିକ ପାସ୍ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର

କାଶୀନଗର,୫।୮(ଡି.ଏନ.ଏ.): କାଶୀନଗର ତହସିଲ ତରଫରୁ ଚଳିତ ଶିକ୍ଷା ବର୍ଷର ଉତ୍ତୀର୍ଣ୍ଣ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଶିକ୍ଷା ନିମନ୍ତେ ମୋ ସ୍କୁଲ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଲକ୍ଷ୍ମୀ ପ୍ରସାଦ ସାହୁ କେ.ସୀତାପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଜାତିଗତ, ଇନ୍‌କମ, ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ଠାରେ ନିଜ ନିଜ ପ୍ରମାଣପତ୍ର ପାଇପାରିଛନ୍ତି। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଆଉ ତହସିଲକୁ ଯିବାକୁ ପଡ଼ିବ ନାହିଁ।

# ବିପର୍ଯ୍ୟୟ ପରିଚାଳନାରେ ଗଞ୍ଜାମ ମଡେଲ ଜିଲା

## ସମ୍ଭାବ୍ୟ ସୁନାମିରୁ ଜନଜୀବନ ରକ୍ଷା ନିମନ୍ତେ କର୍ମଶାଳା

ଛତ୍ରପୁର,୫।୮(ଡି.ଏନ.ଏ.)

ଭାରତୀୟ ମହାସାଗର ନିକଟବର୍ତ୍ତୀ ଅଞ୍ଚଳରେ ସୁନାମୀରୁ ରକ୍ଷା ଅଭିମୁଖ୍ୟ ନେଇ ଗଞ୍ଜାମ ଜିଲାସ୍ତରୀୟ ପ୍ରସ୍ତୁତି କର୍ମଶାଳା ଗୁରୁବାର ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ ସ୍ୱାଗତ ଜଣାଇ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଜନ ଜୀବନକୁ ପ୍ରାକୃତିକ ବିପର୍ଯ୍ୟୟରୁ କିଭଳି ରକ୍ଷା କରାଯିବ ସେଥିନେଇ ଆଗୁଆ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର୍ ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା ଏକ ଭିଡିଓ ବାର୍ତ୍ତାରେ ଜଣାଇଥିଲେ, ଭାରତର ୨ଟି ଗ୍ରାମ ଜଗତସିଂହପୁର ଜିଲା ଏରସମା ବ୍ଲକର ନୋଳିଆ ସାହି ଏବଂ ଗଞ୍ଜାମ ଜିଲା ଭେଙ୍କଟରାୟପୁର ସୁନାମୀ ପ୍ରସ୍ତୁତ ଗାଁ ଭାବେ ପରିଚିତ ହୋଇଛି । ଓଡିଶାର ୪୮୦ କି.ମି. ବ୍ୟାପ୍ତ ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳ ରହିଛି । ତନ୍ମଧ୍ୟରୁ ୩୨୮



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

ଗୋଟି ସମ୍ଭାବ୍ୟ ସୁନାମୀ ପ୍ରବଣ ଗାଁ ରହିଛି। ଉକ୍ତ ଗ୍ରାମ ଗୁଡିକରେ ସୁନାମି ଏବଂ ଏଥିରୁ ଜନଜୀବନ ସୁରକ୍ଷା ଦିଗରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଜଣାଇଥିଲେ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳିନା ବିଭାଗୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ଭବିଷ୍ୟତରେ ସମ୍ଭାବ୍ୟ ସୁନାମୀରୁ ଜନଜୀବନକୁ କିଭଳି ରକ୍ଷା କରିହେବ ଏବଂ ଏଥି ସକାଶେ ଗ୍ରାମ୍ୟ ଲୋକଙ୍କ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜଣାଇଥିଲେ। ସୁନାମି ପ୍ରବଣ ଅଞ୍ଚଳରେ ୧୨୨ ଗୋଟି ଟାୱାର୍ ପ୍ରସ୍ତୁତ କରାଯାଇଅଛି, ସୁନାମି ଆସିବା ସୂଚନା ପାଇବା ମାତ୍ରେ ରାଜ୍ୟ ହେଡକ୍ୱାର୍ଟରରୁ ସୁଇଚ୍ ଟିପିଲେ ସାଇରନ ଖୁବ ଜୋରରେ ବାଜିବ । ମାତ୍ର ୩୦ ମିନିଟରୁ ୪୦ ମିନିଟ ମଧ୍ୟରେ ଗ୍ରାମାଞ୍ଚଳ ଲୋକଙ୍କୁ ପୂର୍ବରୁ ଚିହ୍ନଟ କରାଯାଇଥିବା ନିକଟବର୍ତ୍ତି ନିରାପଦ ସ୍ଥାନକୁ ସ୍ଥାନାନ୍ତର ହେବେ । କେଉଁ ରାସ୍ତା ଦେଇ କିଭଳି ସ୍ଥାନାନ୍ତର ହେବେ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ନଭେମ୍ବର ୫ରେ ସୁନାମୀ ଦିବସ ପାଳନ କରାଯିବ । ତା ପୂର୍ବରୁ ଚିହ୍ନଟ ହୋଇଥିବା ସମଗ୍ର ଓଡିଶାର ୩୨୬ ଟି ଗ୍ରାମାଞ୍ଚଳ ଲୋକଙ୍କୁ ପ୍ରଶିକ୍ଷଣ ଓ ସଚେତନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଓସଡମାର ରାଜ୍ୟ ଯୋଜନା ଅଧିକାରୀ ଶାନ୍ତନୁ ଠାକୁର କର୍ମଶାଳାରେ ଉପସ୍ଥିତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗାଁ କମିଟିର ସଦସ୍ୟା ସଦସ୍ୟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା ପ୍ରଦାନ କରୁଥିବା ଓସଡମାର ଅଧିକାରୀ ଗଣଙ୍କୁ ଗଞ୍ଜାମ ଜିଲାର ୪ଟି ବ୍ଲକରେ ରହିଥିବା ୧୫ ଗୋଟି ଗ୍ରାମ ପଞ୍ଚାୟତର ୪୪ ଗ୍ରାମରେ କିଭଳି କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇ ଲୋକଙ୍କୁ ସଚେତନ ଓ ମକଡ୍ରିଲ କରାଯିବ ସେ ସମ୍ପର୍କରେ ଅବଗତ କରାଇଥିଲେ ।

# ସ୍ମାର୍ଟ ସ୍କୁଲ କାର୍ଯ୍ୟ ଅନୁଧାନ କଲେ ଜିଲାପାଳ



ଜିଲାପାଳ କୁମାରପାଣି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଶେରଗଡ଼,୫।୮(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଶେରଗଡ ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ମାର୍ଟ ସ୍କୁଲ କାର୍ଯ୍ୟର ଅଗ୍ରଗତି ଅନୁଧାନ କରିଛନ୍ତି। ସକାଳ ପ୍ରାୟ ୬ଟାରେ ଜିଲାପାଳ ପ୍ରଥମେ ଡିଙ୍ଗିଶାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରୁ ଆଦର୍ଶ ବିଦ୍ୟାଳୟକୁ ଯାଇ ସ୍ମାର୍ଟ ଶ୍ରେଣୀଗୃହ ବୁଲି ଦେଖିଥିଲେ। ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ପ୍ରତି ବିଦ୍ୟାଳୟକୁ ଦୁଇଜଣ ଲେଖାଏ ବିଧାୟକ ଆସି ସ୍ମାର୍ଟ ଶ୍ରେଣୀ, ଇ.ଲାଇବ୍ରେରୀ, ଲାବୋରୋଟାରୀ ଆଦି ଦେଖିବା କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ତେଣୁ ପ୍ରତ୍ୟେକ ସ୍କୁଲ ଶିକ୍ଷକମାନେ ଏ ଦିଗରେ ସତର୍କ ରହିବା ଦରକାର ବୋଲି ଜିଲାପାଳ କହିଛନ୍ତି। ସମସ୍ତ ସ୍ମାର୍ଟ ସ୍କୁଲ କାର୍ଯ୍ୟ ଆସନ୍ତା ୧୦ ତାରିଖ ମଧ୍ୟରେ ସାରିବାକୁ ସ୍କୁଲ କର୍ତ୍ତୃପକ୍ଷମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ କାର୍ଯ୍ୟ ଅଗ୍ରଗତି ଦେଖିବାକୁ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ନାଥ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# କରୋନା ତୃତୀୟ ଲହର ମୁକାବିଲା ପ୍ରସ୍ତୁତି

## ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ

ଭଞ୍ଜନଗର,୫।୮(ଡି.ଏନ.ଏ.)

କରୋନା ଦ୍ୱିତୀୟ ଲହର ଗଞ୍ଜାମ ଜିଲାରେ କମିଯାଇଛି। ଚଳିତ ମାସ ଶେଷ କିମ୍ବା ସେପ୍ଟେମ୍ବର ଆଡ଼କୁ ତୃତୀୟ ଲହର ଆସିବା ସମ୍ଭାବନା ରହିଛି। ଏହାର ପ୍ରଭାବ କିଭଳି ରହିବ ତାହା ବର୍ତ୍ତମାନ ଠିକ୍‌ଭାବେ ଅନୁମାନ କରାଯାଇ ପାରୁନାହିଁ। ତଥାପି ରାଜ୍ୟ ସରକାର ଏହାକୁ କିଭଳି ମୁକାବିଲା କରିବେ ସେଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଗଞ୍ଜାମ ଜିଲାର ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ହେବାପରେ ଛତ୍ରପୁର ମେଡ଼ିକାଲରେ ଏହା ସ୍ଥାପନ ଯୋଜନା ହୋଇଥିଲା। ଏନେଇ ଭଞ୍ଜନଗର ଅଞ୍ଚଳବାସୀ ଏବଂ ବିଭିନ୍ନ ସଙ୍ଗଠନ ଜାଣିବା ପରେ ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ମଧ୍ୟ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଦାବି କରିଥିଲେ। ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହା ଜାଣିବା ପରେ ଭଞ୍ଜନଗର ମେଡ଼ିକାଲରେ କିଭଳି ଅକ୍ସିଜେନ ପ୍ଲାଣ୍ଟ





ଭଞ୍ଜନଗର ମେଡ଼ିକାଲରେ ଅକ୍ସିଜେନ୍ ପ୍ଲାଣ୍ଟ ।

ସ୍ଥାପନ ହେବ ସେନେଇ ଯୋଜନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଞ୍ଜନଗର ମେଡ଼ିକାଲରେ ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଅନୁମୋଦନ କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ଜୁନ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ଶିଳାନ୍ୟାସ କରିଥିଲେ। ଭଞ୍ଜନଗର ପ୍ଲାଣ୍ଟ ଅର୍ଥ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେଶନ (ଏଆଇଏଫ୍) ପ୍ରଦାନ କରିଛି। ଗୁଜରାଟ ଅହମ୍ମଦାବାଦ ଲବ୍ ଗ୍ରୁପ୍ ପକ୍ଷରୁ ଗୁରୁବାର ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟ ସରିଛି। ଏହାପରେ ପ୍ଲାଣ୍ଟକୁ ପରୀକ୍ଷାମୂଳକ ଭାବେ ଦେଖାଯାଇଥିଲା। ପ୍ଲାଣ୍ଟରୁ ସମସ୍ତ ବେଡ୍‌କୁ ପାଇପ୍ ଯୋଗେ ଅକ୍ସିଜେନ୍ ଯୋଗାଇ ଦେବା କାମ ସହ ପାଚେରି ନିର୍ମାଣ ଚାଲିଛି । ଦୁଇ ସପ୍ତାହ ମଧ୍ୟରେ କାମ ସରିଲେ ତାହା ଉଦ୍‌ଘାଟନ କରାଯିବ। ଗୁରୁବାର ପ୍ଲାଣ୍ଟ ପରୀକ୍ଷା ସମୟରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ମହାନ୍ତି, ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେହେରା, ମେଡ଼ିକାଲ ଅଧୀକ୍ଷକ ସୀତାଂଶୁ ଶେଖର ଶତପଥୀ, ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ଏବଂ ଅହମ୍ମଦାବାଦରୁ ଆସିଥିବା ଲବ୍‌ଗ୍ରୁପ୍‌ର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ଅପହରଣ, ବଳାତ୍କାର: ଯୁବକ ଗିରଫ

ଶେରଗଡ଼,୫।୮(ଡି.ଏନ.ଏ.)

ଶେରଗଡ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳପୂର୍ବକ ଅପହରଣ କରିନେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରଛି। ସେ ହେଲେ ଷଢଙ୍ଗୀପଲ୍ଲୀ ଗ୍ରାମର ସଞ୍ଜୟ ଗୌଡ। ତାଙ୍କୁ ଶେରଗଡ କୋର୍ଟ ଚାଲାଣ ପରେ ଆସିକା ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ତାଙ୍କୁ ନେଇ ରାଜ୍ୟ ବାହାରକୁ ପଳାଇଥିଲେ। ସେଠାରେ ତାଙ୍କୁ ଏକାଧିକ ଥର ବଳାତ୍କାର କରିବା ପରେ ଗାଁକୁ ପଳାଇବା କହି ତାକୁ ଝାନ୍ସି ରେଳ ଷ୍ଟେଶନରେ ଏକୁଟିଆ ଛାଡ଼ି ଦେଇଥିଲେ। ଜୁନ୍ ୧୩ରେ ମହିଳାଙ୍କ ସ୍ୱାମୀଙ୍କ ଏତଲା ପ୍ରକାରେ ଶେରଗଡ ଥାନା ଆଇଆଇସି ମମତା ସାମନ୍ତରାୟ ଏକ ନିରୁଦ୍ଦିଷ୍ଟ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଜଣେ ଓଡ଼ିଆ ମହିଳାଙ୍କୁ ଝାନସୀ ଜିଆରପି ଉଦ୍ଧାର କରିଥିବା ଖବର ମିଳିବା ପରେ ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁରର ଏକ ସର୍ଟ ଷ୍ଟେ ହୋମରେ ରଖାଯାଇଥିଲା। ଅଭିଯୁକ୍ତ ସଞ୍ଜୟ ରାୟଗଡାରେ ରହୁଥିବା ଖବରପାଇ ପୋଲିସ ବୁଧବାର ସେଠାରୁ ତାଙ୍କୁ ଗିରଫ କରିଥିଲା। ମହିଳାଙ୍କ ଏତାଲାକୁ ଭିତ୍ତିକରି ନଂ. ୧୪୨/୨୧ରେ ଏକ ମାମଲା ରୁଜୁ ହୋଇଛି।

# ବିଜୁ ଜନତା ଦଳ କର୍ମକର୍ତ୍ତା ସମ୍ମିଳନୀ

କାଶୀନଗର,୫।୮(ଡି.ଏନ.ଏ.)

ଗଜପତି ଜିଲାରେ ବିଜେଡିକୁ ସୁଦୃଢ କରାଯିବା ସହ ପଞ୍ଚାୟତ ନିର୍ବାଚନରେ ସବୁ ସମିତିରେ ବିଜେଡି ବାଜିମାତ କରିବ ବୋଲି ଆଶାପ୍ରକଟ କରାଯାଇଛି। ଗୁରୁବାର ଗଜପତି ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ତାଙ୍କ ରାୟଗଡ଼ା ଜିଲା ଗସ୍ତ ସାରି ଗଜପତି ଜିଲାରେ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଆସିଥିଲେ। ଏମ୍‌ପି ଚନ୍ଦ୍ର ଶେଖର ସାହୁଙ୍କ ନେତୃତ୍ୱରେ ଜିଲା ସଭାପତି ପ୍ରଦୀପ ନାୟକ, ବସନ୍ତ ଦାସ, ଲକ୍ଷ୍ମୀକାନ୍ତ ପରିଚ୍ଛା, ଯୁବ ସଭାପତି ଏସ୍. ଲିଙ୍ଗରାଜ, କାଶୀନଗର ଟାଉନ୍ ସଭାପତି ରଘୁରାମ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗବରା ତିରୁପତି, କେ.ମଧୁ, ଏମ୍.ସୁଧାରାଣୀ, ଏମ୍.ପ୍ରବୀଣ କୁମାର, ପଦ୍ମିନୀ ସାହୁ କାଶୀନଗର ବ୍ଲକ କତାଗୁଡ଼ା ଘାଟିଠାରୁ ନାୟକଙ୍କୁ ସ୍ୱାଗତ କରି ଆଣିଥିଲେ। ସେଠାରୁ କାଶୀନଗର ବ୍ଲକ୍ ଖାରଡ଼ାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖାରଡ଼ାଠାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ସାହୁ ସଭାପତିତ୍ୱ କରିଥିଲେ। ପାରଳା ରାଜକୁମାରୀ କଲ୍ୟାଣୀ ଦେବୀ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ଯୁବ ବିଜେଡି ନେତା ରୂପେଶ୍ ପାଣିଗ୍ରାହୀ, ଯୁବ ନେତା ଗବରା ତିରୁପତି, ଅଖିଳ ପାତ୍ର, ସିଏଚ୍ ଲୋକନାଥ ଖାରଡ଼ା, ସରପଞ୍ଚ ଲୋକେଶ ଓ ଅନ୍ୟାନ୍ୟ ପଞ୍ଚାୟତର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନବୀନଙ୍କ ସ୍ୱଚ୍ଛ ଶାସନ ଓ ଏମ୍‌ପିଙ୍କ ସାଙ୍ଗଠନିକ ଦକ୍ଷତାକୁ ପାଥେୟ କରି ତିରୁପତି ପାଣିଗ୍ରାହୀ ଓ ସମର୍ଥକମାନେ ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତେ ଧ୍ୟାନ ରଖି କାମ କରି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ପର୍ଯ୍ୟବେକ୍ଷକ ନାୟକ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଯୋଗ ଦେଇଥିଲେ। କୋଭିଡ୍ କଟକଣାକୁ ନ ମାନି ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିବା ଚର୍ଚ୍ଚା ଜୋର ଧରିଛି।

# ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇବା ଘଟଣା: ସ୍ୱାମୀ କୋର୍ଟ ଚାଲାଣ

ଛତ୍ରପୁର,୫।୮(ଡି.ଏନ.ଏ.)

ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ଅଧୀନ ସାନଆର୍ଯ୍ୟପଲ୍ଲୀ ଗାଁ ରାସ୍ତା ମଝିରେ ସ୍ତ୍ରୀ ବି.ଏରାମ୍ମାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ ବି.ମୁକୋଡୁଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ମାମଲା ନଂ.୩୬/୨୧ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ତ୍ରୀ ବି.ଏରାମ୍ମା ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପାରିବାରିକ କାରଣ ଯୋଗୁ କିଛି ଦିନ ହେଲା ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ପରେ ଏରାମ୍ମା ୩ ପିଲାଙ୍କୁ ଧରି ସେହି ଗାଁରେ ନିଜ ବାପ ଘରେ ରହିଆସୁଥିଲେ। ବୁଧବାର ସକାଳୁ ସେ କାମକୁ ଯାଉଥିବାବେଳେ ଗାଁ ରାସ୍ତାରେ ସ୍ୱାମୀ ଝଗଡା କରିବା ସହ ଏରାମ୍ମାଙ୍କ ଉପରକୁ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ । ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ଏହାକୁ ଆଧାର କରି ମୁକୋଡୁଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଯୁବତୀଙ୍କ ଆତ୍ମହତ୍ୟା

ଗଞ୍ଜାମ,୫।୮(ଡି.ଏନ.ଏ.)

ଗଞ୍ଜାମ ଥାନା ଅନ୍ତର୍ଗତ ପୁଞ୍ଜିତୋଳା ଗ୍ରାମର ଜଣେ ଜଣେ ଯୁବତୀ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ମଧ୍ୟାହ୍ନରେ ଘରେ କେହି ନ ଥିବା ବେଳେ ଭଉଣୀ ଆତ୍ମହତ୍ୟା କରିଥିବା ଭାଇ କହିଛନ୍ତି। ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମକୁ ଅବଗତ କରାଇଛନ୍ତି। ଏ ନେଇ ନଂ. ୫/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଭାଜପାର ବିକ୍ଷୋଭ

ଭଞ୍ଜନଗର,୫।୮(ଡି.ଏନ.ଏ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରୀ (ପିଏସ୍) ବିରଞ୍ଚି ନରାୟଣ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିବା ସହ ତାଙ୍କ ଘରୁ ସାଢ଼େ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ସରକାରୀ ଚାକିରିରେ ଯୋଗ୍ୟଙ୍କୁ କାଟି ଅଯୋଗ୍ୟଙ୍କୁ ଚାକିରି ଦେଇ ସେ ଏହି ସମ୍ପତ୍ତି ଠୁଳ କରିଛନ୍ତି। ଏହି ଘଟଣାରେ ଆହୁରି ଅନେକ ସମ୍ପୃକ୍ତ ଅଛନ୍ତି। ଦୋଷୀଙ୍କୁ ଦଣ୍ଡ ଦାବି ନେଇ ଭାଜପା ଘୁମୁସର ଜିଲା ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ସ୍ଥାନୀୟ ଭଞ୍ଜ ସାହିତ୍ୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଏଥିରେ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, କୃଷକ ନେତା ପ୍ରଦୀପ ସାହୁ, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, ସମୀର ନାୟକ, ବିଷ୍ଣୁ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ରାଧା ମୋହନ, ସନ୍ତୋଷ ଗୌଡ଼ ପ୍ରମୁଖ ସାମିଲ ଥିଲେ ।

# ୯ ଖଣ୍ଡ ମୌଜାର ସମସ୍ୟା ସମାଧାନ ପାଇଁ କମିଟି ଗଠିତ

ଖଜୁରିପଡ଼ା/ ବଲସକୁମ୍ପା, ୫।୮(ଡି.ଏନ.ଏ.)

ବିଭିନ୍ନ ସମସ୍ୟାର ସମାଧାନ ଓ ଦାବି ପୂରଣ ପାଇଁ ଖଜୁରିପଡ଼ା ବ୍ଲକ ସୁତ୍ତୁକୁମ୍ପା ପଞ୍ଚାୟତ ଅନ୍ତର୍ଗତ ୯ଖଣ୍ଡ ମୌଜାକୁ ନେଇ ୩୦ ଜଣିଆ କମିଟି ଗଠନ କରାଯାଇଛି। ୧୫ ମହିଳା ଓ ୧୫ ପୁରୁଷଙ୍କୁ ନେଇ ଗଠିତ ମା' ଲକ୍ଷ୍ମୀ ବିକାଶ କମିଟିର ସଭାପତି ଭାବେ ସମାଜିକ କର୍ମୀ ବୈଦ୍ୟନାଥ ବେହେରାଙ୍କୁ ନିର୍ବାଚିତ କରାଯାଇଛି। ପଞ୍ଚାୟତର ରାଣୀପଥର, ଗେଟାମୁଣ୍ଡା, ବାଘିଆ, କୁଆଘରା, କୁଣ୍ଡା ପଥର, ଖାଣ୍ଡିକୁଟି, ବଡ଼ଆଣ୍ଟ, କେଶରପଡା, ଘାଟିଗାଁବାସୀଙ୍କୁ ନେଇ କମିଟି ସଭାପତିଙ୍କ ନେତୃତ୍ୱରେ ଗତ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁନିତା ଯାନୀ, ବିଡିଓ ରବୀନ୍ଦ୍ରନାଥ କହଁର, ଜିପିଓ ସୋନମ ବେହେରା, ପାନୀୟଜଳ ଯୋଗାଣ ଯନ୍ତ୍ରୀ ମନୋଜ କୁମାର ଦାସ, ଖାଦ୍ୟ ଯୋଗାଣ ଅଧିକାରୀ



ବୈଠକରେ ଉପସ୍ଥିତ ଅତିଥି ଓ କମିଟି ସଦସ୍ୟା ସଦସ୍ୟ।

ସମରେଶ ଦାସ, ଗଣମାଧ୍ୟମ ପ୍ରତିନିଧି ବିଦୁର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥବରେ ଅଞ୍ଚଳର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ପଞ୍ଚାୟତରୁ ୨୦ କି.ମି.ଦୂରରେ ଏହି ୯ ଖଣ୍ଡ ଗ୍ରାମ ରହିଥିବାରୁ ଲୋକେ ରାଶନ ଚାଉଳ ଆଣିବା ଓ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଆଦି ଭତ୍ତା ଆଣିବାରେ ଅବସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ସମସ୍ୟା ଦୂର ପାଇଁ ଜଣେ ଲାଇନମ୍ୟାନ ନିଯୁକ୍ତି, ସେବାଶ୍ରମ ସ୍କୁଲରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଆଲୋଚନା ହୋଇଥିଲା। ସେହିପରି କେନ୍ଦୁପତ୍ର ଫଡ଼ି, ରାଣୀପଥର ଠାରୁ ଭାୟା ଭାଲିଆପଡ଼ା ଦେଇ ଖଜୁରିପଡ଼ା ସଂଯୋଗ ହୋଇଥିବା ରାସ୍ତାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଉନ୍ନତିକରଣ କରିବା ଓ ପ୍ରତି ଗାଁରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ଦାବି ହୋଇଥିଲା। ଏସବୁ ଦାବିଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ନିଜ ନିଜର ମତାମତ ଉପସ୍ଥାପନ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ଲୋକନୃତ୍ୟ କର୍ମଶାଳା ଉଦ୍‌ଘାଟିତ

ଦିଗପହଣ୍ଡି,୫।୮(ଡି.ଏନ.ଏ.)

ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ସଭାଗୃହରେ 'ଦିକ୍ଷାନ୍ତ' ନାମରେ ଆୟୋଜିତ ୬ ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମରେ ବିଲୁପ୍ତ ପ୍ରାୟ ସଖୀ ନାଟ (ଲୋକନୃତ୍ୟ)ର ପୁନଃରୁଦ୍ଧାର ପାଇଁ ଆୟୋଜିତ କର୍ମଶାଳାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାନେତ୍ରୀ ପଦ୍ମଶ୍ରୀ ଅରୁଣା ମହାନ୍ତି ଉଦ୍‌ଘାଟନ କରିଥିଲେ। ଉପସଭାପତି ମନ୍ମଥ କୁମାର ଶତପଥୀ, ସମ୍ପାଦକ ପ୍ରବୋଧ ରଥ, ଅବସରପ୍ରାପ୍ତ ସଂସ୍କୃତି ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନିଶଙ୍କ ଏବଂ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ଉଦଘାଟନୀ ଉତ୍ସବରେ ମଞ୍ଚାସୀନ ଥିଲେ। ସଖୀ ନାଟରେ ଗୁରୁ–ଶିଷ୍ୟ ପରମ୍ପରା ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି



ପ୍ରଶିକ୍ଷାର୍ଥୀଙ୍କ ଗହଣରେ ଅତିଥିବୃନ୍ଦ।

ଅବସରରେ ସଖୀନାଟ ପ୍ରଶିକ୍ଷକ ତଥା ଗୁରୁ କାଳୁଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଙ୍ଗୀତ ନାଟକ ଏକାଡେମୀ ସହାୟତାରେ ସଖୀ ନାଟ ଶିକ୍ଷା ଗ୍ରହଣ ପାଇଁ ଚୟନ କରାଯାଇଥିବା ୧୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ୬ ମାସ ପର୍ଯ୍ୟନ୍ତ ସ୍ଥାନୀୟ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ପରିସରରେ ନୃତ୍ୟ ଶିକ୍ଷା ପ୍ରଦାନ କରାଯିବ ବୋଲି ନାଟ୍ୟ ସଂସଦ ସମ୍ପାଦକ ଆଲୋକ କୁମାର ବିଷୋୟୀ କହିଛନ୍ତି। ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ କର୍ମଶାଳାରେ ଲୋକନୃତ୍ୟ ଦାସ କାଠିଆ ନୃତ୍ୟଗୁରୁ ଦେବେନ୍ଦ୍ରନାଥ ଦାସ, ଗାହଣୀ ନୃତ୍ୟ ଗୁରୁ ବନବାସୀ ନାହାକ, ରାଧାପ୍ରେମଲୀଳା ନାଟକ ଗୁରୁ ସୀମାଞ୍ଚଳ ମଣ୍ଡଳ, ଯୁଧିଷ୍ଠିର ନାୟକ, ବନଜ ସାହୁ, ଓଡିଶୀ ନୃତ୍ୟ ଗୁରୁ ଜୟନ୍ତ ଆଚାର୍ଯ୍ୟ, ବିଶିଷ୍ଟ ବାଦ୍ୟକାର ଭୀମସେନ ମହାଙ୍କୁଡ, ବାସୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦର ସହ ସମ୍ପାଦକ ଏସ୍ .କ୍ଷୀରୋଦ ଦୋରା, କାର୍ଯ୍ୟକର୍ତ୍ତା ଧ୍ରୁବ ଗୌଡ, ଦୁର୍ଗାମାଧବ ନାୟକ, ଜିତେନ୍ ମହାପାତ୍ର, ରବୀନ୍ଦ୍ର ବେହେରା, ଏ .ଗୌରୀଶଙ୍କର, ସୁମନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

